# ODM PUBLIC SCHOOL

**SESSION : 13**
**CLASS : V**
**SUBJECT : ଓଡିଆ**
**CHAPTER NUMBER:03**
**CHAPTER NAME : ଶୁଖିଲା ପତ୍ରର କଥା**
**SUBTOPIC :ବହି ପ୍ରଶ୍ନଉତ୍ତର**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ବିଷୟବସ୍ତୁ ଆଧାରରେ ଲବ୍ଧଜ୍ଞାନ ପରୀକ୍ଷା

## ପ୍ରଶ୍ନ୬-ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ବାକ୍ୟର ରେଖାଙ୍କିତ ପଦମାନଙ୍କ ବଦଳରେ ଲେଖିବା ।(ପ୍ରତ୍ୟାବର୍ତ୍ତନ କଲେ,ସାକ୍ଷାତ,ନାନାବିଧ,ସାଉଁଟି,ଅନ୍ୟତ୍ର )

୬-(କ) ଶିଷ୍ୟ ଦୁହେଁ ଶୁଖିଲାପତ୍ର ଆଣିବା ପାଇଁ ଅନ୍ୟ ସ୍ଥାନକୁ ଗଲେ ।

(ଖ) ବୁଢୀଟି ଗଛ ମୂଳରେ କିଛି ପତ୍ର ଗୋଟାଇ ରଖିଥିଲା ।

(ଗ) ଚରକ ଉଦ୍ୟାନରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଦେଖିବାକୁ ମିଳେ ।

(ଘ) ଶିଷ୍ୟ ଦୁହେଁ ଶୁଖିଲାପତ୍ର ଆଣି ନ ପାରି ଫେରିଆସିଲେ ।

(ଙ) ଝିଅଟି ପତ୍ର ଗୋଟାଇବା ସମୟରେ ତା'ସହିତ ଶିଷ୍ୟ ଦୁହିଁଙ୍କର ଦେଖା ହେଲା ।

# ଉତ୍ତର

୬-(କ) ଶିଷ୍ୟ ଦୁହେଁ ଶୁଖିଲାପତ୍ର ଆଣିବା ପାଇଁ ଅନ୍ୟତ୍ର ଗଲେ ।
(ଖ) ବୁଢୀଟି ଗଛମୂଳରେ କିଛି ପତ୍ର ସାଉଁଟି ରଖିଥିଲା ।
(ଗ) ଚରକ ଉଦ୍ୟାନରେ ନାନାବିଧ ଔଷଧୀୟ ବୃକ୍ଷ ଦେଖିବାକୁ ମିଳେ ।
(ଘ) ଶିଷ୍ୟ ଦୁହେଁ ଶୁଖିଲାପତ୍ର ଆଣି ନ ପାରି ପ୍ରତ୍ୟାବର୍ତ୍ତନ କଲେ ।
(ଙ) ଝିଅଟି ପତ୍ର ଗୋଟାଇବା ସମୟରେ ତା'ସହିତ ଶିଷ୍ୟ ଦୁହିଁଙ୍କର ସାକ୍ଷାତ ହେଲା ।

ODM PUBLIC SCHOOL

## ପ୍ରଶ୍ନ୭-ନିମ୍ନରେ ଦିଆଯାଇଥିବା ଶବ୍ଦମାନଙ୍କୁ ବ୍ୟବହାର କରି ଗୋଟିଏ ଗୋଟିଏ ବାକ୍ୟ ଖାତାରେ ଲେଖିବା ।

ଦକ୍ଷିଣା- ଦାନ ଦେଲେ ଦକ୍ଷିଣା ଦେବାକୁ ପଡିଥାଏ ।

ପ୍ରତ୍ୟାବର୍ତ୍ତନ- ସନ୍ଧ୍ୟାରେ ପକ୍ଷୀମାନେ ବସାକୁ ପ୍ରତ୍ୟାବର୍ତ୍ତନ କରିଥା'ନ୍ତି ।

ସନ୍ତୁଷ୍ଟ- ସନ୍ତୁଷ୍ଟ ହୋଇ ସବୁ ଖାଦ୍ୟ ଖାଇବା ଉଚିତ ।

ଶୂନ୍ୟହସ୍ତ- ଲୋକଟି ବଜାରରୁ ଶୂନ୍ୟହସ୍ତରେ ଫେରିଲା ।

ପୂର୍ଣ୍ଣ- ମାଠିଆଟି ଜଳରେ ପୂର୍ଣ୍ଣ ଅଛି ।

ପରିହାସ- ଦୃଷ୍ଟିହୀନ ମାନଙ୍କୁ ପରିହାସ କରିବା ଅନୁଚିତ ।

ଅଭିଳାଷ- ଭଲ କାମ କରିବା ପାଇଁ ମନରେ ଅଭିଳାଷ ରଖିବା ଉଚିତ ।

ହତାଶ- ରାମୁ ବଜାରରୁ ମାଛ ନ ପାଇ ହତାଶରେ ଫେରିଲା ।

ପାତ୍ର- ପାତ୍ରରେ ଜିନିଷପତ୍ର ରଖାଯାଏ ।

ଆଶ୍ରା- ବାଡିର ଆଶ୍ରାରେ ଲୋକଟି ଚାଲିଛି ।

ନିଷ୍ଠା- ନିଷ୍ଠାର ସହିତ ସବୁ କାମ କରିବା ଉଚିତ ।

ODM PUBLIC SCHOOL

# ଗୃହକର୍ମ

ପ୍ରଶ୍ନ୫- ଯାହା ବୁଝି ହୁଏ ନାହିଁ ତାହା 'ଅବୁଝା'କିମ୍ବା 'ଅବୋଧ'। ସେହିପରି ତଳେ ଦିଆଯାଥିବା ଶବ୍ଦ ଗୁଡିକୁ ଗୋଟିଏ ଶବ୍ଦରେ ପ୍ରକାଶ କରି ଲେଖିବା ।

ଯାହା କାଟି ହୁଏନା  ନାହିଁ ------ ଅକାଟ୍ୟ
ଯେଉଁଠାକୁ ଯାଇ ହୁଏ ନାହିଁ ------ ଅଗମ୍ୟ
ଯାହା କହି ହୁଏ ନାହିଁ ------ ଅକଥ୍ୟ
ଯାହା ସହି ହୁଏ ନାହିଁ ------ଅସହ୍ୟ

ODM PUBLIC SCHOOL

# LEARNING OUTCOME:

ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ  ।

# THANKING YOU

# ODM EDUCATIONAL GROUP